ଆଡ଼ପ ମଣ୍ଡପକୁ ବିଜେ କରୁଛନ୍ତି ବଡ଼ ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ (ଫଟୋ - 'ସମାଜ' ପୁରୀ)

ଜୁଲାଇ ୫ ପର୍ଯ୍ୟନ୍ତ ପ୍ରବଳ ବର୍ଷା

- ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁବର୍ଣ୍ଣପୁରରେ ପ୍ରବଳ ବର୍ଷିଲା
- ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକାରେ ଜଳସ୍ତର ବୃଦ୍ଧି
- ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ପାଇଁ ୨୬ ଜିଲାକୁ ସତର୍କତା

ଭୁବନେଶ୍ୱର, ୨୯।୬(ନି.ପ୍ର): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ, ବାଂଲାଦେଶ ଉପକୂଳ ଅଞ୍ଚଳରେ ରବିବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ଉତ୍ତର ଓଡ଼ିଶା, ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଆଡ଼କୁ ମୁହାଁଇବ। ଅନ୍ୟପଟେ ଉତ୍ତର ଗୁଜରାଟ, ପଶ୍ଚିମବଙ୍ଗ, ବାଂଲାଦେଶ ଉପକୂଳ, ମଧ୍ୟପ୍ରଦେଶ, ଉତ୍ତର ଛତିଶଗଡ଼ ଏବଂ ଉତ୍ତର ଓଡ଼ିଶା ମଧ୍ୟରେ ଏକ ନିମ୍ନଚାପ ରେଖା ସକ୍ରିୟ ରହିଛି। ଏହାର ପ୍ରଭାବରେ ଜୁଲାଇ ୫ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବିଶେଷ କରି ଉତ୍ତର ଓଡ଼ିଶାରେ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ସୁବର୍ଣ୍ଣପୁର ଏବଂ କେନ୍ଦୁଝର ଜିଲାର କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ହୋଇଛି। ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇଛି। ଦୁଇଟି ସ୍ଥାନରେ ୨୦ରୁ ୩୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ ହୋଇଛି। ଗୋଟିଏ ସ୍ଥାନରେ ଅତ୍ୟଧିକ ୩୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇଛି। ମୟୂରଭଞ୍ଜର ଚାନ୍ଦୁଆରେ ସବୁଠୁ ଅଧିକ ୩୨୦ମି.ମି. ବର୍ଷା ହୋଇଥିବା ବେଳେ ଜିଲାର ସୁଲିଆପଡା ୨୫୦, ସାରସକଣା ୨୪୯, ବାଙ୍ଗିରିପୋଷି ୧୯୮, ଉଦଳା ୧୦୭ ଏବଂ କୁସୁମିରେ ୯୬ ମି.ମି. ବର୍ଷା ହୋଇଛି। ବାଲେଶ୍ୱର ଜିଲାର ଜଳେଶ୍ୱରରେ ୧୪୭ମି.ମି. ବର୍ଷା ହୋଇଥିବା ବେଳେ ଔପଦା ୧୧୪, ଖରିଆର ୧୨୨, ସୁବର୍ଣ୍ଣପୁର ୧୧୫.୪, କେନ୍ଦୁଝର ଜିଲାର ହାଟଡିହି ୧୦୫.୨ ମି.ମି. ବର୍ଷା ହୋଇଛି। ଝାଡ଼ଖଣ୍ଡ ଏବଂ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ଲଗାଣ ବର୍ଷା ହେତୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ବନ୍ୟା ପରିସ୍ଥିତି ଦେଖାଦେଇଥିବା ବେଳେ ରବିବାର ରାତିରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ବାଲେଶ୍ୱର ଜିଲାକୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ବନ୍ୟା ପରିସ୍ଥିତି ଜଟିଳ ହୋଇପାରେ ବୋଲି କୁହାଯାଉଛି।

ରାଜ୍ୟ ଜଳସମ୍ପଦ ବିଭାଗର ସେଚ ସଦନଠାରେ ଥିବା ବନ୍ୟା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟିଆ କାର୍ଯ୍ୟ କରୁଛି। ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ ଏବଂ ଆବଶ୍ୟକ ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ବାଲେଶ୍ୱର ଜିଲାପାଳଙ୍କୁ ସତର୍କ କରାଯାଇଛି। କ୍ଷେତ୍ରସ୍ତରରେ ସ୍ଥିତି ଅନୁଧ୍ୟାନ ଓ ତଦାରଖ କରିବା ଏବଂ ସମ୍ଭାବ୍ୟ ବନ୍ୟା ସ୍ଥିତି ପରିଚାଳନାରେ ସହାୟତା ପାଇଁ ଜଳସମ୍ପଦ ବିଭାଗର ଜଣେ ସର୍ବୋଚ୍ଚ ଯନ୍ତ୍ରୀ ପାହ୍ୟାର ଯନ୍ତ୍ରୀ ଏବଂ ଅନ୍ୟ ଜଣେ ମୁଖ୍ୟଯନ୍ତ୍ରୀ ବାଲେଶ୍ୱର ଗସ୍ତ କରିଛନ୍ତି।

ରବିବାର ରାଉରକେଲା, କେନ୍ଦ୍ରାପଡ଼ା, ନବରଙ୍ଗପୁର, ଭଦ୍ରକ, ଦାରିଙ୍ଗବାଡ଼ି, କୋରାପୁଟ, ହୀରାକୁଦ, ଭୁବନେଶ୍ୱର, ବାଲେଶ୍ୱର, ଚାନ୍ଦବାଲି ଆଦି ଅଞ୍ଚଳରେ ବର୍ଷା ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର ଏବଂ ବୌଦ୍ଧ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପ୍ରବଳ ବର୍ଷା ହେବାକୁ ଥିବା ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇପାରେ। କଚ୍ଚାରାସ୍ତା, କଚ୍ଚାଘର ଭାଙ୍ଗିବା, ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ, ସହରାଞ୍ଚଳରେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇପାରେ। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ କୁହାଯାଇଛି। ସମ୍ପୃକ୍ତ ଜିଲାର ଜିଲାପାଳମାନେ ସତର୍କ ରହିବାକୁ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି।

ଫୁଲୁଛି ନଦୀ, ବାଲେଶ୍ୱରରେ ବନ୍ୟା

ବାଲେଶ୍ୱର, ୨୯।୬(ନିପ୍ର): ଲଘୁଚାପ ସାଙ୍ଗକୁ ସକ୍ରିୟ ମୌସୁମୀ ବାୟୁ ଯୋଗୁଁ ଗତ ୩ ଦିନ ଧରି ଜାରି ରହିଥିବା ଲଗାଣ ବର୍ଷା ଓ ଉପରମୁଣ୍ଡ ପାଣି ଯୋଗୁଁ ବାଲେଶ୍ୱରର ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ସାଙ୍ଗକୁ ବନ୍ୟା ସ୍ଥିତି ଉପୁଜିଛି। ଜିଲା ଜରୁରୀକାଳୀନ ବିଭାଗର ସୂଚନା ଅନୁସାରେ ଗତ ଦୁଇ ଦିନରେ ଜିଲାର ୧୨

ବ୍ଲକରେ ମୋଟ ୧୧୧୫ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଏହି ବର୍ଷା ସାଙ୍ଗକୁ ଉପର ମୁଣ୍ଡର ପାଣି ଯୋଗୁଁ ଏବେ ଜିଲାର ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ, କାଂଶବାଂଶ, ସୋନ ଓ ଗଙ୍ଗାହାର ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାସହ ବହୁ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ମୁଖ୍ୟ ରାସ୍ତାଗୁଡିକରେ ପାଣି ସୁଅ କାଟୁଛି।

ରାତି ୮ଟା ସୁଦ୍ଧା ପ୍ରାପ୍ତ ସୂଚନା ଜଳକା ନଦୀର ଜଳସ୍ତର ବିପଦ ସଙ୍କେତ (୬.୫୦ମି) ର ବହୁ ଉପରେ ଅର୍ଥାତ ୭.୧୯ ମିଟରରେ ପ୍ରବାହିତ ହେଉଛି। ସେହିଭଳି ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସତର୍କ ସୂଚନା (୭.୨୧) ମିଟର ନିକଟବର୍ତ୍ତୀ ୭.୨୦ ମିଟର ଛୁଇଁଛି। ତେବେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ଏବେ ସତର୍କ ସୂଚନାଙ୍କ (୯.୪୫)ଉପରେ ୯.୫୦ରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ପ୍ରତି ଘଣ୍ଟାରେ ଜଳସ୍ତର ୬/୭ ସେଣ୍ଟିମିଟର ବୃଦ୍ଧି ପାଉଥିବାବେଳେ ସୋମବାର ସକାଳ ସୁଦ୍ଧା ଏହା ବିପଦ ସଙ୍କେତ ଅତିକ୍ରମ କରିବ ବୋଲି ଅନୁମାନ କରାଯାଇଛି। ବଡ଼କଥା ହେଲା ଝାଡ଼ଖଣ୍ଡର ଚାନ୍ଦିଲି ବ୍ୟାରେଜ୍‌ରେ ଛଡ଼ାଯାଇଥିବା ପାଣି ଯୋଗୁଁ ସପ୍ତାହେ ପୂର୍ବରୁ ସୁବର୍ଣ୍ଣରେଖା ନଦୀରେ ଉପୁଜିଥିବା ବନ୍ୟାର ଅଦ୍ୟାବଧି ସୁଧାର ଆସିନାହିଁ। ଏବେ ବି ନଦୀ ପାର୍ଶ୍ୱ ଗାଁ' ଗଣ୍ଡାରୁ ବନ୍ୟାପାଣି ସମ୍ପୂର୍ଣ୍ଣ ନିଷ୍କାସନ ହୋଇ ନଥିବାବେଳେ ଆଜି ପୁଣି ସେହି ବ୍ୟାରେଜରୁ ପାଣି ଛଡ଼ାଯାଇଥିବାରୁ ଏହାର ପ୍ରଭାବରେ ରାତି ୪ଟା ସୁଦ୍ଧା ସୁବର୍ଣ୍ଣରେଖାରେ ଭୟଙ୍କର ବନ୍ୟା ସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହିତ ହେଉଥିବା ଜଳକା ନଦୀର ବନ୍ୟା ଯୋଗୁଁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। କିଛି ତଳିଆ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହେବାରେ ଲାଗିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଛି। ସମସ୍ତଙ୍କର ଛୁଟି ବାତିଲ କରାଯିବା ସହିତ ବନ୍ୟା ସ୍ଥିତି ପରିଚାଳନା ପାଇଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

ମୁଖ୍ୟ ରାସ୍ତାରେ ସୁଅ କାଟୁଛି ପାଣି

ବିଜେପି ସଭାପତି, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ସ୍ଥଗିତ

- କାର୍ଯ୍ୟସୂଚୀ ଏବଂ ଭୋଟର ତାଲିକା ପ୍ରକାଶର ଘଣ୍ଟାଏ ପରେ ଅଟକିଲା ପ୍ରକ୍ରିୟା
- ପୁରୀ ଅଘଟଣ ପାଇଁ ଆମେ ମର୍ମାହତ, ତେଣୁ ନିର୍ବାଚନ ସ୍ଥଗିତ: ପ୍ରତାପ
- କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ପରେ ନୂତନ ତାରିଖ ଘୋଷଣା

ଭୁବନେଶ୍ୱର, ୨୯।୬(ନି.ପ୍ର): ପୁରୀଠାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଯୋଗୁଁ ରାଜ୍ୟ ବିଜେପି ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ସ୍ଥଗିତ ରହିଛି। ଏଭଳି ଅଭାବନୀୟ ଘଟଣା ଆମ ସମସ୍ତଙ୍କୁ ମର୍ମାହତ କରିବା ସହିତ ବିଚଳିତ କରିଛି। ମୃତ ଶ୍ରଦ୍ଧାଳୁଙ୍କୁ ସମ୍ମାନ ଜଣାଇ ଦଳୀୟ ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରହିଛି ବୋଲି ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରି ନୂତନ ନିର୍ବାଚନ ତିଥି ସକ୍ରାନ୍ତରେ ସୂଚନା ଦିଆଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ରାଜ୍ୟ ବିଜେପି ସଭାପତି ନିର୍ବାଚନ ପାଇଁ ସୋମବାରଠାରୁ ନାମାଙ୍କନପତ୍ର ଦାଖଲ କରାଯାଇଥାନ୍ତା। ସେହିଦିନ ନାମାଙ୍କନପତ୍ର ଯାଞ୍ଚ ସହ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥାନ୍ତା। ଜୁଲାଇ ପହିଲାରେ ମତଦାନ ଓ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହୋଇଥାନ୍ତା। କିନ୍ତୁ ନାମାଙ୍କନପତ୍ର ଦାଖଲ ପାଇଁ କାର୍ଯ୍ୟସୂଚୀ ଏବଂ ଭୋଟର ତାଲିକା ପ୍ରକାଶ ପାଇବାର କିଛି ସମୟ ପରେ ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରଖାଯିବା ଦ୍ୱାରା ତୃଣମୂଳ ସ୍ତରରେ ନେତା ଓ କର୍ମୀ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜ୍ୟ ସଭାପତି କିଏ ହେବେ ତାକୁ ନେଇ ପାର୍ଟିରେ ଚାଲିଛି ଚର୍ଚ୍ଚା। ଏଥର ବିଜେପି ସଭାପତି ପଦରେ ନୂଆ ଚେହେରା ଦେଖିବାକୁ ମିଳିବ ଅଥବା ମନମୋହନ ପୁଣିଥରେ ଦାୟିତ୍ୱ ସମ୍ଭାଳିବେ ସେନେଇ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ନିର୍ବାଚନ ବିଳମ୍ବ ହୋଇଥିଲେ ମଧ୍ୟ ଜୁଲାଇ ପହିଲା ଦିନ ରାଜ୍ୟ ବିଜେପିକୁ ନୂଆ ମଙ୍ଗୁଆଳ ମିଳିବ ବୋଲି ପାର୍ଟି ପକ୍ଷରୁ କୁହାଯାଇଥିଲା। ସଭାପତି ଦୌଡ଼ରେ ଥିବା ଏକାଧିକ ଆଶାୟୀଙ୍କ ମଧ୍ୟରୁ ମନମୋହନଙ୍କ ସମେତ ୩ଜଣ ନାମାଙ୍କନପତ୍ର ଦାଖଲ କରିବା ନେଇ ରାଜନୈତିକସ୍ତରରେ ଚର୍ଚ୍ଚା ହେଉଥିଲା। ସେମାନଙ୍କ ମଧ୍ୟରୁ ହୁଏତ ଶେଷ ମୁହୂର୍ତ୍ତରେ ଦୁଇଜଣ ଆଶାୟୀ ନାମାଙ୍କନପତ୍ର ପ୍ରତ୍ୟାହାର କରିଥାନ୍ତେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ପାର୍ଟି ତରଫରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଜୁଲାଇ ୧ରେ ମତଦାନ ହେବ କି ନାହିଁ ତାହା ସ୍ପଷ୍ଟ ହୋଇଥାନ୍ତା। ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେଡି ଓ ବିଜେପି ମଧ୍ୟରେ ମେଣ୍ଟ ଚର୍ଚ୍ଚା ଚାଲିଥିବାବେଳେ ଦିଲ୍ଲୀ ଯାଇ ସଭାପତି ଶ୍ରୀ ସାମଲ ଶୀର୍ଷସ୍ତରୀୟ ନେତାଙ୍କ ପାଖରେ ବସି ପାର୍ଟି ଏକାକୀ ନିର୍ବାଚନ ଲଢ଼ିବ ଏବଂ ସରକାର ଗଠନ କରିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ମନମୋହନଙ୍କ ଦମ୍ଭୋକ୍ତିକୁ ବିଶ୍ୱାସକୁ ନେଇ ବିଜେପି ମେଣ୍ଟରୁ ଓହରି ଯାଇଥିଲା। ମନମୋହନଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଜିତି ସରକାର ଗଠନ କରିଛି। ସଭାପତି ନିଜେ ନିର୍ବାଚନ ହାରିଥିଲେ ମଧ୍ୟ ସରକାର ଗଠନ ପାଇଁ ବଡ଼ ଭୂମିକା ନିର୍ବାହ କରିଥିଲେ। ତାଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ ହୋଇଥିବାରୁ ତାଙ୍କୁ ପୁରସ୍କାର ଭାବେ ପାର୍ଟି ପୁଣିଥରେ ସଭାପତି କରିପାରେ ବୋଲି ସମର୍ଥକମାନେ ଆଶାବାଦୀ ଅଛନ୍ତି।

ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତିଙ୍କ ସୂଚନା ଅନୁଯାୟୀ, ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ବିଶେଷ ପରିସ୍ଥିତି ପାଇଁ ସ୍ଥଗିତ କରାଗଲା। ପରବର୍ତ୍ତୀ ସୂଚନା ରାଜ୍ୟ କାର୍ଯ୍ୟାଳୟରୁ ପ୍ରାପ୍ତ ହେବ।

ପ୍ରଥମ ପର୍ଯ୍ୟାୟ ଜନଗଣନା

ଆସନ୍ତା ଏପ୍ରିଲ ପହିଲାରୁ ଘର ତାଲିକାଭୁକ୍ତ

ନୂଆଦିଲ୍ଲୀ,୨୯।୬: ଦେଶର ଜନଗଣନା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ସମସ୍ତ ଘରକୁ ତାଲିକାଭୁକ୍ତ ଘର ଗଣନା କରିବାକୁ ଧାର୍ଯ୍ୟ ହୋଇଥିବାବେଳେ ଏଥିପାଇଁ ଆବଶ୍ୟକ କାର୍ଯ୍ୟ ୨୦୨୬ ଏପ୍ରିଲ ପହିଲାରୁ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଜନଗଣନା କମିସନର ତଥା ଭାରତର ରେଜିଷ୍ଟ୍ରାର ଜେନେରାଲ ମୃତ୍ୟୁଞ୍ଜୟ କୁମାର ନାରାୟଣ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପତ୍ର ଲେଖିଛନ୍ତି। ପତ୍ରରେ ଘର ଗଣନା କାର୍ଯ୍ୟ ନିମନ୍ତେ ସୁପରଭାଇଜର, ଗଣନାକାରୀ ନିଯୁକ୍ତି ଦେବା ସହିତ ସେମାନଙ୍କ ପାଇଁ କାମ ଆବଣ୍ଟନ କରିବାକୁ କୁହାଯାଇଛି। ଜନଗଣନା ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ଘରକୁ ଗଣନା କରାଯିବ। ଏହି ସମୟରେ ଘରେ କି ପ୍ରକାର ଆସବାବପତ୍ର ରହିଛି, ଘରର ରୋଜଗାର, କି ପ୍ରକାର ଘର, ଘରର ସ୍ଥିତି ଇତ୍ୟାଦିର ତଥ୍ୟ ସଂଗ୍ରହ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ। ଅର୍ଥାତ୍ ପ୍ରତ୍ୟେକ ଘରେ ରହୁଥିବା ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଯେପରିକି ସଦସ୍ୟଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି, ସଂସ୍କୃତି, ଜାତି, ଧର୍ମ ଆଦି ବ୍ୟକ୍ତିଗତ ସୂଚନା ନିଆଯିବ। ପ୍ରଥମ କରି ଏହି ଜନଗଣନାରେ ଜାତି ଗଣନା କରାଯିବ। ଜନଗଣନା ସମୟରେ ଲୋକଙ୍କ ଠାରୁ କି ପ୍ରକାର ତଥ୍ୟ ସଂଗ୍ରହ କରାଯିବ ସେଥିପାଇଁ ଏକ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଛି। ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନପତ୍ରରେ ୩୬ରୁ ଅଧିକ ପ୍ରଶ୍ନ ରହିଛି। ସର୍ଭେ ସମୟରେ ଲୋକଙ୍କୁ କି ପ୍ରକାର ଖାଦ୍ୟ ଖାଆନ୍ତି ଅର୍ଥାତ୍ ରୁଟି ନା ଭାତ ତାହା ପ୍ରଶ୍ନ କରାଯିବ। ଏହା ସହିତ କେଉଁଠାରୁ ପାନୀୟ ଜଳ ପାଉଛନ୍ତି? ସ୍ନାନ ଓ ଶୌଚ ପାଇଁ କେଉଁଠିକୁ ଯାଉଛନ୍ତି? ରୋଷେଇ ପାଇଁ କି ପ୍ରକାର ଇନ୍ଧନ ବ୍ୟବହାର କରୁଛନ୍ତି? ଘରର କାନ୍ଥ, ଚଟାଣ ଓ ଛାତ କି ପ୍ରକାରର? ଘରର ମୁଖ୍ୟ ମହିଳା ନା ପୁରୁଷ। ସେ କେଉଁ ବର୍ଗର ଅର୍ଥାତ୍ ଏସ୍‌ସି/ଏସ୍‌ଟି/ଓବିସି ଇତ୍ୟାଦି। ଘରେ ଫୋନ, ଇଣ୍ଟରନେଟ୍, ଯାନବାହନ ଅଛି କି ନାହିଁ ଆଦିର ତଥ୍ୟ ସଂଗ୍ରହ କରାଯିବ। ୨୦୨୭ ମାର୍ଚ୍ଚ ୧ ତାରିଖରୁ ଦେଶରେ ଜନଗଣନା କାର୍ଯ୍ୟ ଆରମ୍ଭ ହେବ। କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ, ଜାମ୍ମୁ-କାଶ୍ମୀର ଓ ତୁଷାର ଆଚ୍ଛାଦିତ ରାଜ୍ୟ ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ୨୦୨୬ ଅକ୍ଟୋବର ୧ରୁ ଜନଗଣନା କରାଯିବ।

ଯତ୍ନବାନ ହେଉ ପ୍ରଶାସନ: ମନମୋହନ

ଭୁବନେଶ୍ୱର, ୨୯।୬ (ଭୁ.ପ୍ର) : ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଯେଉଁ ଦୁର୍ଭାଗ୍ୟଜନକ ଘଟଣା ଘଟିଲା, ସେଥିରେ ଆମେ ଗଭୀର ଭାବେ ମର୍ମାହତ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସାମଲ ଉଲ୍ଲେଖ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତୁରନ୍ତ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। ପୀଡ଼ିତ ପରିବାରଙ୍କ ପ୍ରତି ଆମେ ଗଭୀର ସମବେଦନା ପ୍ରକାଶ କରୁଛୁ। ଭବିଷ୍ୟତରେ ଏପରି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ, ସେଥିପାଇଁ ପ୍ରଶାସନ ଯତ୍ନବାନ ହେବା ଉଚିତ୍।

ଟ୍ରକ ଧକ୍କାରେ ଜଣେ ମୃତ

ଅନୁଗୋଳ,୨୯।୬(ନଗର/ସିଟି/ସଦର): ଅନୁଗୋଳ ସଦର ଥାନା ବେଣାଗାଡ଼ିଆ ପଞ୍ଚାୟତ ଅଧୀନରେ ଆସୁଥିବା ସରଳିଆ ରାଇସ୍ ମିଲ୍ ନିକଟରେ ଟ୍ରକ ଧକ୍କାରେ ଜଣକର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତକ ଜଣଙ୍କ ହେଲେ ଜରାସିଂହା ଗ୍ରାମର ଗୁବୁରି ଦେହୁରୀ (୪୭)। ଆଜି ଦିନ ୨ଟା ବେଳେ ଗୁବୁରି କୌଣସି କାର୍ଯ୍ୟରେ ସରଳିଆ ରାଇସ୍ ମିଲ୍ ଆଡକୁ ଆସି ଫେରୁଥିଲେ। ଏହି ସମୟରେ ଜରାସିଂହା ଆଡୁ ଆସୁଥିବା ଏକ ୧୨ ଚକିଆ ଟ୍ରକ (ଓଡି୧୯ଏନ୦୭୦୮) ରାଇସ୍ ମିଲ୍ ଦିଗକୁ ବୁଲୁଥିବା ବେଳେ ଗୁବୁରିଙ୍କୁ ଚାପି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକ ଏବଂ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ।

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5260

'ପହଣ୍ଡ଼ ପକାଇବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅବ୍ୟବସ୍ଥାର ନିଦର୍ଶନ'

ଭୁବନେଶ୍ୱର,୨୯।୬(ଭୁ.ପ୍ର): ଶରଧାବାଲିରେ ଦଳାଚକଟାରେ ୩ ଭକ୍ତଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ଅଙ୍ଗେ ନିଭାଇଥିବା ଜଣେ ବରିଷ୍ଠ ନାଗରିକ ଏ ସମ୍ପର୍କରେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ରାତିରେ ଭିଡ଼ କମ୍ ହେବ ଭାବି ଭୁବନେଶ୍ୱରରୁ ୨୮ ତାରିଖ ରାତିରେ ଶହଶହ ସଂଖ୍ୟାରେ ଗାଡ଼ି ପୁରୀ ଅଭିମୁଖେ ଯାଉଥିଲା। ପରଦିନ ରବିବାର ଥିଲା। ରାତି ୧୧ଟାରେ ମାଳତିପାଟପୁରରେ ପହଞ୍ଚିବା ପରେ ଶହଶହ ଗାଡ଼ି ପୁରୀ ଭିତରକୁ ପ୍ରବେଶ କରିବାକୁ ଅପେକ୍ଷାରତ ଥିଲା। ଜଣେ ପୁଲିସ କର୍ମୀଙ୍କ ଉପଦେଶ ମାନି ଆମେ ତାଳବଣିଆ ହୋଇ ଗୁଣ୍ଡିଚା ମନ୍ଦିରର କିଛି ଦୂରରେ ପହଞ୍ଚିଲୁ। ରାତି ୧୨ଟା ୧୫ରେ ପହଞ୍ଚିବା ପରେ ଆମେ ୫/୭ ମିନିଟ୍‌ରେ ରଥ ସମ୍ମୁଖକୁ ଗଲୁ। କିନ୍ତୁ ୧୨ଟା ୨୨ ମିନିଟ୍‌ରେ ପହଣ୍ଡ଼ ପଡ଼ିଯାଇଥିଲା। ସେତେବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଅପେକ୍ଷା କରିଥିଲେ ଓ ଶହଶହ ଗାଡ଼ି ପୁରୀକୁ ପ୍ରବେଶ କରୁଥିଲା। ରାତି ୧୨ଟା ୨୨ ମିନିଟ୍‌ରେ ପହଣ୍ଡ଼ ପଡ଼ିବାର ଆବଶ୍ୟକତା ନଥିଲା। ଏତେ ଭିଡ଼ ଥିବାରୁ ପହଣ୍ଡ଼ ଅଳ୍ପ ସମୟ ପାଇଁ ପଡ଼ିବାର ଥିଲା। ୧୨ଟା ୩୦ରୁ ୪ଟା ୩୦ ମଧ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ଅପେକ୍ଷା କରି ରହିଲେ। ହଠାତ୍ ପହଣ୍ଡ଼ ଖୋଲିବା ପରେ ସମସ୍ତେ ଦର୍ଶନ ପାଇଁ ଦୌଡ଼ିଲେ। ପୂର୍ବବର୍ଷରେ ପହଣ୍ଡ଼ ଖୁବ୍ କମ୍ ସମୟ ପାଇଁ ପଡୁଥିଲା। ଏଥର ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ପହଣ୍ଡ଼ ପକାଇବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅବ୍ୟବସ୍ଥାର ନିଦର୍ଶନ। ଏତେ ରାତିରେ ପୁଲିସ ଓ ପ୍ରଶାସନର କୌଣସି ପଦସ୍ଥ ଅଧିକାରୀ ଉପସ୍ଥିତ ନଥିଲେ। ଏଆଇ କ୍ୟାମେରା ଓ ଇଣ୍ଟିଗ୍ରେଟେଡ଼ ଟ୍ରାଫିକ୍‌ର କୌଣସି ଚିହ୍ନବର୍ଣ୍ଣ ନଥିଲା। ଏତେ ସମୟ ପହଣ୍ଡ଼ ପକାଇବା ଦ୍ୱାରା ୩ ମୂଲ୍ୟବାନ ଜୀବନ ଚାଲିଗଲା ବୋଲି କ୍ଷୋଭର ସହ କହିଛନ୍ତି ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଦାମୋଦର ନନ୍ଦ।

vedanta
transforming for good

EXPLORATION AGENCY FOR BAUXITE BLOCKS
VEDANTA ALUMINIUM

BUSINESS PARTNER FOR GEOLOGICAL EXPLORATION OF BAUXITE BLOCKS
Expression of Interest (EOI)

Vedanta, with annual revenues of $30 bn and profits of $10 bn, plans to invest $20 bn over the next 4-5 years to expands its brownfield and greenfield operations in Aluminium, Zinc, Silver, Oil & Gas, Thermal and Renewable Energy, Display Glass and Optical Fiber.

About Vedanta Aluminium
Vedanta Aluminium, India's largest aluminium producer, operates an installed smelting capacity of 2.42 million tonnes per annum (MTPA) across its smelters at Jharsuguda, Odisha, and Bharat Aluminium Company Limited (BALCO), Chhattisgarh. Vedanta Aluminium also operates a world-class alumina refinery with a current capacity of 3.5 MTPA at Lanjigarh, Odisha, which is being expanded to 5 MTPA.

Opportunity Overview
Vedanta is going to scale up more than 25 MTPA bauxite production capacity and invites Expression of Interest (EOI) for an exciting opportunity from renowned Indian & global exploration agencies with proven expertise in geological exploration of **Bauxite mining blocks** in Odisha.

Scope of Work
The scope of work includes end-to-end comprehensive exploration tasks, including geological mapping, drilling, logging, sampling, assaying, database management and mineral resource estimation.

Cutting-edge digital technologies, such as AI/ML and advanced geophysical and geochemical techniques, will play a pivotal role in this venture.

This project is not just an exploration initiative; it's a stepping stone into Vedanta's ambitious journey in the metals and mining sector.

Expression of Interest along with credentials to be sent by 10th July 2025 to: Chief Commercial Officer (CCO), Mines, Vedanta Limited, 5th Floor, Module C/2, Fortune Tower, Bhubaneswar, Odisha - 751023 | Email: mines.eoi@vedanta.co.in

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ : ୩୦.୦୫.୧୯୪୮
ତିରୋଧାନ : ୧୯.୦୬.୨୦୨୫

ସ୍ୱ ନିରଞ୍ଜନ ରଥ
ଚାନ୍ଦବାଲି ଛକ, ଆଠଗଡ଼, କଟକ

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ । ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।"

ଆପଣ ଆମକୁ ଛାଡ଼ି ଅଚାନକ ବାହୁଡ଼ିଗଲେ କେଉଁ ଅଫେରା ରାଇଜକୁ। ଆପଣଙ୍କ ସ୍ନେହବୋଳା, ମଜାମଜା କଥା ଆଉ ଶୁଣିବାକୁ ମିଳିବନି। ଆପଣଙ୍କୁ ସମସ୍ତେ କେତେ ଯେ ଝୁରୁଛନ୍ତି ସେକଥା ଅନୁଭବୀ ହିଁ ଜାଣେ। ଆପଣଙ୍କ ଅମର ଆତ୍ମା ପ୍ରଭୁ ଚରଣାରବିନ୍ଦରେ ଲୀନ ହେଉ, ଏତିକି ପ୍ରାର୍ଥନା।

ଶୋକସନ୍ତପ୍ତ : ଭାଇ - ନିରୂପମ, ନଳିନାକ୍ଷ, ଭାଉଜ - କୃଷ୍ଣପ୍ରିୟା, ପୁତୁରା, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ପୁତୁରାବୋହୂ, ଭାଣିଜୀବୋହୂ, ଝିଅରାଙ୍କୁଆଁ, ଭାଣିଜାଙ୍କୁଆଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ଲୋକସେବକମଣ୍ଡଳ, 'ସମାଜ', ଜିମ୍‌ସାର, 'ସତ୍ୟବାଦୀ' ପରିବାର

ପାଞ୍ଚ ଛକ- ଡିମିରିଗୁଡା ରାସ୍ତା ନିର୍ମାଣ ଦାବି

ଫିରିଙ୍ଗିଆ, ୨୭।୬(ଅନୁପମ ମିଡ଼ିଆ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତର ମୁଖ୍ୟାଳୟ ତଥା ପାଞ୍ଚ ଛକ ଠାରୁ ଡିମିରିଗୁଡା ଯିବା ରାସ୍ତା ବର୍ତ୍ତମାନ ଆଣ୍ଠୁଏ କାଦୁଅରେ ଭର୍ତ୍ତି ହୋଇରହିଛି। ଏହି ରାସ୍ତା ଦେଇ ବାଇକ୍, ସାଇକେଲ ଯିବା ତେଣିକି ଥାଉ, ଚାଲିକି ଯିବା ମୁସ୍କିଲ ହୋଇପଡିଛି । କାଦୁଅ ଯୋଗୁଁ ସେଥିରେ ସାଇକେଲ ଚକା ଲାଗି ଯାଉଛି । ବହୁ ସମୟରେ ରାସ୍ତା ମଝି କାଦୁଅରେ ଲୋକେ ଖସିପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ତେଣୁ ଏନେଇ ଏବେ ଅସନ୍ତୋଷ ଦାନାବାନ୍ଧିବାରେ ଲାଗିଛି । ଦୀର୍ଘ ଦିନ ପୂର୍ବରୁ ଏହି ଅଞ୍ଚଳ ବାସୀ ଏହି ରାସ୍ତା ନିର୍ମାଣ ପାଇଁ ଦାବି ଉପସ୍ଥାପନା କରିଥିଲେ । କିନ୍ତୁ ଏପଟେ ପାଞ୍ଚ ଛକ ଓ ସେପଟେ ଡିମିରିଗୁଡା ଗାଁ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ମଝିରେ ମାତ୍ର ୫ ଶହରୁ ୬ ଶହ ମିଟର ରାସ୍ତା କାମ ବାକି ରହିଛି । କିନ୍ତୁ ଏହି କମ ରାସ୍ତା ସଂଯୋଗ ହୋଇନଥିବାରୁ ଏଥିପ୍ରତି ପ୍ରଶାସନ କି ଜନପ୍ରତିନିଧିଙ୍କ ଦୃଷ୍ଟି ପଡୁନି । ପୂର୍ବରୁ ମେଟାଲିଂ କରାଯାଇଥିବାରୁ ଏହି ରାସ୍ତା ଦେଇ ଯେନତେନ ପ୍ରକାରେ ଯାତାୟତ କରି ହେଉଥିଲା । କିନ୍ତୁ ବର୍ତ୍ତମାନ ଖରା ଦିନେ ରାସ୍ତା ଉପରେ ବ୍ଲକ ପ୍ରଶାସନ ତରଫରୁ ମାଟି ପକାଇ ଛାଡ଼ିଦିଆଯାଇଛି । ବର୍ଷା ହେଲେ ସେଥିରେ ପାଣି ଜମି କାଦୁଅ ପଚପଚ ହୋଇପଡୁଛି । ରାସ୍ତାର ମଝିରେ ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ସହ ସ୍ମାର୍ଟ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ର ରହିଛି । ତେଣୁ ଏହି ରାସ୍ତା ଦେଇ କୁନି କୁନି କୋମଳ ମତି ଶିଶୁ ଠାରୁ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ, ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଅସହାୟ, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ବ୍ୟକ୍ତି ଯାଆସ କରୁଛନ୍ତି । କେବଳ ଏତିକି ନୁହେଁ ଡିମିରି ଗୁଡା ପଞ୍ଚାୟତର ସମସ୍ତ ୱାର୍ଡର ଜନସାଧାରଣ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ରାସ୍ତା ଦେଇ ଆସୁଥିବାରୁ ବ୍ୟାପକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । କିଛି କିଛି ଲୋକେ ମୋରମ ବଦଳରେ ମାଟି ପକାଇ ରୋଲର ଚଳାଇ ନଥିବାରୁ ଏପରି ହେଉଥିବା କହି ଠିକାଦାରକୁ ଦାୟୀ କରିଥିବା ବେଳେ ତୁରନ୍ତ ଏହାର ସମାଧାନ କରିବାକୁ ଅଞ୍ଚଳର ଅର୍ଜୁନ କହଁର, ଦୀପକ ଦିଗାଲ, ଦିବାକର ଦିଗାଲ, ରଘୁପତି କହଁର, ରଞ୍ଜିତ କହଁର, ଗୋପୀନାଥ ଭୁକ୍ତା,ସାମୁଏଲ ଦିଗାଲ, ବଳଭଦ୍ର ଦିଗାଲଙ୍କ ସହ ଅଞ୍ଚଳବାସୀ ଦାବୀ କରିଛନ୍ତି । ଏଇ ଘଟଣାକୁ ନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ତୁରନ୍ତ ଏହାର ସମାଧାନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ତେବେ ମୋରମ ବଦଳ ରେ ମାଟି ପକାଇ ଥିବାରୁ ଅସନ୍ତୋଷ ଦେଖାଦେଇଛି ।

ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ

ଛତ୍ରପୁର, ୨୯।୬(ଅନୁପମ ମିଡ଼ିଆ): ଦିନକୁ ଦିନ ଅଶାନ୍ତ ହେଉଛି ଗଞ୍ଜାମ ଜିଲ୍ଲା । ପୁଣି ଜଣକୁ ପିଟି ପିଟି ହତ୍ୟା ଘଟଣା ଘଟିଛି । ଛତ୍ରପୁର ଥାନା ଅଧିନ ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଏ. ଲାଛେୟା ପାତ୍ର ଗତକାଲି ଗ୍ରାମ ନିକଟରେ ଥିବା ରେଳ ଫାଟକ ନିକଟରେ ୭ ରୁ ୮ ଜଣ ବ୍ୟକ୍ତି କୌଣସି ଏକ କାରଣକୁ ନେଇ ଲାଛେୟାଙ୍କୁ ପିଟୁଥିଲେ । ଏହି ସୂଚନା ପାଇ ବାପା ଏ. ଦିଲ୍ଲୁ ପାତ୍ର ଘଟଣା ସ୍ଥଳକୁ ଯାଇ ତାକୁ ଉଦ୍ଧାର କରିଥିଲେ । ପରେ ତାକୁ ଛତ୍ରପୁର ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ । ଚିକିତ୍ସାଧିନ ଅବସ୍ଥାରେ ଗତକାଲି ରାତ୍ରରେ ହିଁ ଲାଛେୟାର ମୃତ୍ୟୁ ଘଟିଥିଲା । ପରେ ଘଟଣାକୁ ନେଇ ମୃତକଙ୍କ ବାପା ଦିଲ୍ଲୁ ଛତ୍ରପୁର ଥାନାରେ ଅଭିଯୋଗ କରିବା ସହ ଯେଉଁ ମାନେ ତାଙ୍କ ପୁଅକୁ ପିଟୁଥିଲେ ସେମାନଙ୍କୁ ସେ ଚିହ୍ନିଥିବା କହିବା ସହ ଏତଲା ମଧ୍ୟ ସେମାନଙ୍କ ନାମରେ ଦେଇଛନ୍ତି । ଏନେଇ ଥାନାରେ ୩୯୯/୨୪ ମାମଲା ରୁଜୁ କରିବା ସହ ଗ୍ରାମରେ ପୁଲିସ ପହଞ୍ଚି ତଦନ୍ତ କରୁଛି । ଅଭିଯୁକ୍ତ ମାନେ ଫେରାର ରହିଛନ୍ତି । ଛତ୍ରପୁର ମେଡିକାଲ ପୁଲିସ ଶବକୁ ଜବତ କରିବା ସହ ଶବବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ମୃତ ଲାଛେୟାଙ୍କ ନିଜ ଘର ପୁରୁଷୋତ୍ତମପୁର ବ୍ଲକ ଶାସନପଲ୍ଲୀ । ସେ ପିଲା ଦିନରୁ ହିଁ ବ୍ରାହ୍ମଣିଆପଲ୍ଲୀର ଅଜା ଘରେ ରହିଆସୁଥିଲେ । ହତ୍ୟା ର କାରଣ ଅସ୍ପଷ୍ଟ ରହିଛି ।

ବାଇକ୍‌କୁ ପିଟିଲା ଅଜଣା ଗାଡ଼ି, ଦୁଇ ଆହତ

ମୋହନା,୨୯।୬(ଅନୁପମ ମିଡ଼ିଆ): ଗଜପତି ଜିଲ୍ଲା ମୋହନା ଥାନା କପାଖାଲ ଗାଁ ନିକଟରେ ଅଜଣା ଗାଡି ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ କମଳାପୁର ଗାଁର କୁରେଶ ଗୌଡ଼ (୨୪) ଓ ପ୍ରଭାକର ଗୌଡ଼ (୨୨) । ଗୁରୁତର ଦୁଇ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମୋହନା ମେଡିକାଲରେ ଭର୍ତ୍ତି କରିଛନ୍ତି । ସୂଚନା ପ୍ରକାରେ ରବିବାର ଅପରାହ୍ନରେ କମଳାପୁର ଗାଁର ୨ ଯୁବକ ବାଇକ ଯୋଗେ କଳାମେରୀ ଗାଁର ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେଇ ଗାଁକୁ ଫେରିବାବେଳେ କପାଖାଲ ନିକଟରେ ଏକ ଅଜଣାଗାଡି ଧକ୍କା ଦେଇଥିଲା। ଫଳରେ ୨ ଯୁବକ ରାସ୍ତା କଡରେ ଛିଟିକି ପଡିରହିଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ ଆମ୍ବୁଲାନ୍ସ ଦ୍ୱାରା ମୋହନା ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଡାକ୍ତର ଜିତେନ୍ଦ୍ର ପ୍ରସାଦ ଦାସ ପ୍ରାଥମିକ ଚିକିତ୍ସା ପରେ ପ୍ରଭାକରଙ୍କ ଡାହାଣ ଗୋଡ଼ ଭାଙ୍ଗିବା ସହ ପାଦରେ ଗଭୀର ଆଘାତ ଲାଗିଛି । କୋରେଶଙ୍କ ଡାହାଣ ହାତଟି ଭାଙ୍ଗିଯାଇଥିବା ଯୋଗୁଁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିବା କହିଛନ୍ତି ।

ବିଦେଶୀ ମଦ ବୋଝେଇ ଟ୍ରକ ଓଲଟିଲା

ଦିଗପହଣ୍ଡି,୨୯।୬(ଅନୁପମ ମିଡ଼ିଆ): ରବିବାର ଭୋର ସକାଳୁ ଦିଗପହଣ୍ଡି – ବ୍ରହ୍ମପୁର ରାସ୍ତାର ପିତାମ୍ବରପୁର ଛକ ନିକଟରେ ଏକ ବିଦେଶୀ ମଦ ବୋଝେଇ ଟ୍ରକ ରାସ୍ତା ପାର୍ଶ୍ୱରେ ଥିବା ବିଲରେ ଓଲଟି ପଡିଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ଉଭୟ ଗାଡ଼ି ଚାଳକ ଓ ହେଲପର ସୁରକ୍ଷିତ ରହିଥିବା ବେଳେ କାହାର କିଛି କ୍ଷତି ହୋଇନାହିଁ । ଶନିବାର ରାତିରୁ ଟ୍ରକଟି (ଓଡି ୧୮ ଏଫ୍ ୩୨୫୯) ଖୋର୍ଦ୍ଧା ଡିପୋରୁ ବିଦେଶୀ ମଦ ଲୋଡ କରି ରାୟଗଡା ଅଭିମୁଖେ ଯାଉଥିଲା । ତେବେ ଘଟଣା ଘଟିବା ସ୍ଥାନରେ ଗାଡ଼ି ଚାଳକଙ୍କ ସାମାନ୍ୟ ଆଖି ପଡିଯିବା ଫଳରେ ଗାଡ଼ିଟି ରାସ୍ତା ପାର୍ଶ୍ୱ ବିଲକୁ ଖସି ଯାଇଥିଲା । ଖବରପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।

୫ରେ ପ୍ରେସକ୍ଲବ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଜି.ଉଦୟଗିରି,୨୯।୬(ଅନୁପମ ମିଡ଼ିଆ): ଜି.ଉଦୟଗିରି ପ୍ରେସକ୍ଲବ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା ନେଇ ଆଲୋଚନା ହୋଇଛି । ବିବରଣୀରୁ ପ୍ରକାଶ ଯେ ଶନିବାର ଅପରାହ୍ନରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ପ୍ରେସକ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ଅଧକ୍ଷତାରେ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରାଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଅରୁଣ କୁମାର ଷଡ଼ଙ୍ଗୀ, ଗଗନ ପ୍ରଧାନ, ଅନିଲ ଦଳବେହେରା, ସୁସ୍ମିତା ଜେନା, ସୁଜିତ ସାହୁ, ଚନ୍ଦ୍ରଶେଖର ପାଢ଼ୀ,ଏନ୍. ରାଜାରାଓ ଓ ସାମନ୍ତ ଶେଖର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଆଖୁ ଚାଷକୁ ନେଇ ଚାଷୀ ଚିନ୍ତିତ

ଆସିକା,୨୯।୬(ଅନୁପମ ମିଡ଼ିଆ): ଦକ୍ଷିଣ ଓଡିଶାରେ ଥିବା ଆସିକା ସମବାୟ ଚିନିଶିଳ୍ପ ଗତ ୧୯୬୩ ମସିହାରୁ ଆଜି ପର୍ଯ୍ୟନ୍ତ ବହୁ ସମ୍ମାନ, ଗାରିମା ମଣ୍ଡନ ସହ ଘାତ ପ୍ରତିଘାତ ଦେଇ ଗତି କରି ଆସୁଛି । ଗତ କିଛି ବର୍ଷ ହେଲା ଚିନିକଳ ପ୍ରଶାସନିକ ଅଧିକାରୀଙ୍କ ଅଦଳବଦଳ, ରାଜନୈତିକ ଦଳରୁ ନିର୍ବାଚିତ ପରିଚାଳନା ନିର୍ଦ୍ଦେଶକ ମାନଙ୍କ ମଧ୍ୟରେ ଶୀତଳ ଯୁଦ୍ଧ, ଶ୍ରମିକ ଅଶାନ୍ତି ଦୂର ଦୃଷ୍ଟି ଅଭାବ କାରଣରୁ ଚିନିଶିଳ୍ପ ବହୁତ ଋଣ ଭାର ମଧ୍ୟ ହୋଇଥିଲା । ଗତବର୍ଷ ରାଜ୍ୟର ନୂତନ ସରକାର ଆସିଲା ପରଠାରୁ ଆସିକା ଚିନିଶିଳ୍ପକୁ ନେଇ ରାଜନୀତି ଆରମ୍ଭ ହୋଇଥିଲା । ସର୍ବ ପୁରାତନ ଚିନିକାରଖାନାର ପୁନଃ ଉଦ୍ଧାର,ଆଖୁ ଚାଷୀକୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗ ତଥା ଆଖୁ ଫସଲ ବୃଦ୍ଧି ପାଇଁ ବ୍ୟାଙ୍କ ଋଣ ପ୍ରଦାନ, ଜଳସେଚନ ସୁବିଧା, ବନ୍ୟା ଜନ୍ତୁ ଯୋଗୁଁ ହେଉଥିବା ଫସଲ ନଷ୍ଟରୁ ରକ୍ଷା କରିବା, ଧାନ ଚାଷ ଭଳି ଆଖୁ ଚାଷକୁ ଅଧିକ ବୋନସ ପ୍ରଦାନ କରିବା, ଚିନି କାରଖାନାରେ ବହୁ ମୁଖି ଶିଳ୍ପ ଅନୁଷ୍ଠାନ ଗଢି ତୋଳିବା, କର୍ମଚାରୀ ନିଯୁକ୍ତିକୁ ନେଇ ସରକାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗତ ୧୦/୧୨/୨୪ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଏକ ଟାସ୍କ ଫୋର୍ସ ଗଠନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ କଥା ଦେଇ କଥା ରଖୁଥିବା ସରକାର ବୋଧ ହୁଏ ଆସିକା ଚିନି କାରଖାନାକୁ ଭୁଲି ଗଲେ । ଏବେ ଚାଷୀ ମାନେ ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଅଧିକାଂଶ ଚାଷୀ ଆଖୁ ନା ଧାନ ଫସଲ କରିବେ ସ୍ଥିର କରି ପାରୁନାହାନ୍ତି । ଗତ କିଛି ବର୍ଷ ହେଲା ଆଖୁ ଚାଷ କରିବାକୁ ଚାଷୀ ବିମୁଖ ହୋଇପଡିଲେଣି । ସରକାର ଆଖୁ ଚାଷୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ସବୁବେଳେ ଆଖୁ ଚାଷ କରି କ୍ଷତି ସହୁଥିବା ଚାଷୀ ସଂଘ କହିଛନ୍ତି । ପ୍ରକାଶ ଥାଉକି ଗତ ୨୦୧୯-୨୦ରେ ୩୦୪୪ ଜଣ, ୨୦୨୦-୨୧ ରେ ୨୧୫୫ ଜଣ,୨୦୨୧-୨୨ରେ ୧୪୫୯ ଜଣ ୨୦୨୨-୨୩ରେ ୧୪୫୮ ଜଣ,୨୦୨୩ -୨୪ରେ ୧୪୬୪ ଜଣ,୨୦୨୪-୨୫ରେ ୧୪୩୮ ଜଣ ଚାଷୀ ଆଖୁ ଚାଷ କରି କାରଖାନାକୁ ଆଖୁ ଦେଇଛନ୍ତି । ଗତ ପାଞ୍ଚ – ଛଅ ବର୍ଷ ହେଲା ଆଖୁ ଚାଷୀ ସଂଖ୍ୟା କମିବା ସହ ଆଖୁ ଚାଷ କରି କାରଖାନାକୁ କମ ଆଖୁ ଯୋଗାଇବା ଦ୍ୱାରା ଆଖୁ ପେଡା ଋତୁରେ ମିଲ ଚାଲିବା ଏବଂ ଚିନି ଉତ୍ପାଦନ ବୃଦ୍ଧି ପାଇବା କମିବାରେ ଲାଗିଛି । ବର୍ତ୍ତମାନ ଚାଷୀ ମାନଙ୍କୁ ଆନୁସଙ୍ଗିକ ସୁବିଧା ସୁଯୋଗ ନମିଳିଲେ ଚଳିତ ବର୍ଷ ମଧ୍ୟ ଆଖୁ ଚାଷ କରିବା ପାଇଁ ଚାଷୀ ଅମଙ୍ଗ ହୋଇଥିବା ଶୁଣିବାକୁ ମିଳୁଛି । ବର୍ତ୍ତମାନ ସରକାର ନା ଚିନିଶିଳ୍ପ କର୍ତ୍ତୃପକ୍ଷ ଆଖୁ ଚାଷୀ ମାନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବାକୁ କିଏ ଦାୟିତ୍ୱ ନେଉଛି ଦେଖିବାକୁ ରହିଲା । ନଚେତ ଏହି ଚିନି ଶିଳ୍ପ ରୁଗ୍ଣ ହୋଇ ଶେଷରେ ତାଲା ଝୁଲିବା ହିଁ ସାର ହେବ ।

ବୁଗୁଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପୁନରୁଦ୍ଧାର ଦାବି

ବୁଗୁଡ଼ା,୨୯।୬(ଅନୁପମ ମିଡ଼ିଆ): ବୁଗୁଡ଼ା ବ୍ଲକ କଲୋନୀ ପରିସରରେ ଥିବା ବୁଗୁଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବେ ଭୂତ କୋଠି ପାଲଟିଛି । ୧୯୮୨ ମସିହାରେ ସ୍ଥାପିତ ହୋଇଥିବା ଏହି କାର୍ଯ୍ୟାଳୟ ଉପରେ ବୁଗୁଡ଼ା ସହର ସମେତ ଗୋଳାବନ୍ଧ, ଭାମଶ୍ୟାଳି, ଗୋଳିଆ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ଦୀର୍ଘ ୧୨ ବର୍ଷ ହେଲା ଏହି କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ୨୦୧୩ ମସିହାରେ ହୋଇଥିବା ମହାବାତ୍ୟା ଫାଇଲିନ ପରେ ଏହି କାର୍ଯ୍ୟାଳୟ କୋଠାକୁ ବିପଦ ସଂକୁଳ ଘୋଷଣା କରାଯାଇ ଏହାକୁ ବ୍ଲକ ଅଫିସ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଘୁଞ୍ଚାଇ ଦିଆ ଯାଇଥିଲା । ଏବେ ପ୍ରାୟ ୫ବର୍ଷ ହେଲା ଷୋଳମାଇଲି ସ୍ଥାନାନ୍ତରିତ ହୋଇଯିବା ଫଳରେ ବିଭିନ୍ନ କାର୍ଯ୍ୟରେ ଆରଆଇ ଅଫିସକୁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ଲକ ପରିସରରେ ଥିବା ପୁରୁଣା ଆଇଆଇ ଅଫିସ କୋଠା ବର୍ତ୍ତମାନ ସୁଦ୍ଧା ମରାମତି କରାଯାଇ ନଥିବାରୁ ସେଠାରେ ଗଛ ଓ ଲତା ସହ ଅନାବନା ଗଛ ଉଠି ଜଙ୍ଗଲ ହୋଇ ଗଲାଣି । ପରିତ୍ୟକ୍ତ ହୋଇ ପଡି ରହିବା ଫଳରେ ଉକ୍ତ କୋଠା ସାପ ଆଦି ସରୀସୃପଙ୍କ ବାସସ୍ଥଳୀ ପାଲଟି ଗଲାଣି । ସାହି ଭିତରେ ଏହିପରି ପରିତ୍ୟକ୍ତ କୋଠା ଯୋଗୁଁ ସାହି ବାସିନ୍ଦାଙ୍କ ସମେତ ତାକୁ ଲାଗି ବ୍ଲକ କ୍ୱାଟରରେ ରହୁଥିବା କର୍ମଚାରୀ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଏହି କୋଠାର ପୁନଃଉଦ୍ଧାର କରିବା ସହ ଏଠାରେ ରାଜସ୍ୱ କାର୍ଯ୍ୟାଳୟ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି ।

ବାଲିଛାଇ ପଞ୍ଚାୟତ ସରପଞ୍ଚ ବିରୁଦ୍ଧରେ ଅନାସ୍ଥା

ପୋଲସରା,୨୯।୬(ଅନୁପମ ମିଡ଼ିଆ): ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମ ପଞ୍ଚାୟତଟି ୧୧ ୱାର୍ଡ ବିଶିଷ୍ଟ ରହିଛି । ଚଳିତ ନିର୍ବାଚନରେ ସରପଞ୍ଚ ସିଲୁ ବେହେରା, ସମିତି ସଭ୍ୟ ବିଘ୍ନେଶ୍ୱର ବେହେରା ଭାବେ ନିର୍ବାଚିତ ହୋଇଥିଲେ । ସରପଞ୍ଚ ବିଲୁ ଜନତା ଦଳ ସମର୍ଥିତ ହୋଇଥିବା ବେଳେ ସମିତି ସଭ୍ୟ ଭାରତୀୟ ଜନତା ପାର୍ଟି ସମର୍ଥିତ । ଇତି ମଧ୍ୟରେ ୯ ଜଣ ୱାର୍ଡ ମେମ୍ବର ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକଙ୍କୁ ଭେଟି ନିଜର ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟିରେ ୨୧ ତାରିଖରେ ଯୋଗ ଦେଇଥିବା ଜଣାଯାଇଛି । ଅନ୍ୟ ପକ୍ଷରେ ଗତ ୨୧ ତାରିଖ ଦିନ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଜଗନ୍ନାଥ ବାଡେଇଙ୍କ ନେତୃତ୍ୱରେ ୯ ଜଣ ୱାର୍ଡ ମେମ୍ବର ସରପଞ୍ଚ ଶିଲୁ ବେହେରାଙ୍କୁ ହଟାଇବା ପାଇଁ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ନିକଟରେ ସରପଞ୍ଚଙ୍କ ବିରୁଦ୍ଧରେ ୯ ଜଣ ଦସ୍ତଖତ ଥିବା ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ହରେକୃଷ୍ଣ ପାତ୍ର, କୁମାରୀ ବେହେରା, କ୍ରିଷ୍ଣା ସ୍ୱାଇଁ, ରବିନା ବିଷୋୟୀ, ଝୁଲି ସାହୁ, ଗୀତା ସାହୁ, ପର୍ଶୁରାମ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ଝୁନଝୁନା ପ୍ରଧାନ ରହିଛନ୍ତି । ଆସନ୍ତା ୧୧ ତାରିଖରେ ଭୋଟିଂ ହେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିବା ଜଣା ପଡ଼ିଛି ।

ଆଡ଼ପ ମଣ୍ଡପରେ ତିନି ଠାକୁର, ଭକ୍ତଙ୍କ ଭିଡ଼

ଖଲ୍ଲିକୋଟ,୨୯।୬(ଅନୁପମ ମିଡ଼ିଆ): ଆଡ଼ପ ମଣ୍ଡପରେ ବିଜେ ହୋଇଛନ୍ତି ତିନି ଠାକୁର । ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି । ନବଦିନାତ୍ମକ ଯାତ୍ରାରେ ବାହାରି ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ଶନିବାର ବିଳମ୍ବିତ ସନ୍ଧ୍ୟାରେ ଗୋଟି ପହଣ୍ଡିରେ ରଥରୁ ଓହ୍ଲାଇ ଆଡ଼ପ ମଣ୍ଡପକୁ ତିନି ଠାକୁର ଯାଇଥିଲେ । ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମନ୍ଦିର ପ୍ରଶାସନ ତରଫରୁ ଗତକାଲି ଠାରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଚାଲିବ । ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରିବା ସହ ଭଜନ ସମାରୋହ କାର୍ଯ୍ୟକ୍ରମ ଦେଖିବାକୁ ସନ୍ଧ୍ୟାରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି ।

ଓଡ୍ର ଖଣ୍ଡାୟତ କାଳିଞ୍ଜୀ ସମାଜ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

କୁକୁଡ଼ାଖଣ୍ଡି, ୨୯।୬(ଅନୁପମ ମିଡ଼ିଆ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ହୁଗୁଳାପଟ୍ଟା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଚଣ୍ଡିପଦର୍ ଗ୍ରାମରେ ଥିବା କାଳଞ୍ଜି କୋଠ ଗୃହ ପରିସରରେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ -୨୦୨୫ ଅନୁଷ୍ଠିତ ହୋଇଛି ।

ମହୁରୀ ଅଞ୍ଚଳ ସଭାପତି ଗୁରୁନାଥ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କେନ୍ଦ୍ର ଉପସଭାପତି ବୃନ୍ଦାବନ ଖଟେଇ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ କେନ୍ଦ୍ର ସଭାପତି ତଥା ସମିତିସଭ୍ୟ କୋରାନାଥ ସ୍ୱାଇଁ, ପୂର୍ବତନ କେନ୍ଦ୍ର ସଭାପତି ହରିହର ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ସ୍ୱାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତମ ନାଗରିକ ରୂପେ ଚରିତ୍ର ଗଠନ କରିବା ସକାଶେ ପରାମର୍ଶ ଦେଇଥିଲେ । ମହୁରୀ ଅଞ୍ଚଳ ଉପସଭାପତି ରାଜକିଶୋର ବରଡ଼ ସଭା ପରିଚାଳନା ଓ ଆୟୋଜନ କରିଥିଲେ । ଚଳିତ ବର୍ଷ ଦଶମ ଶ୍ରେଣୀରେ ଅଶି ପ୍ରତିଶତ ଓ ଦ୍ୱାଦଶ ଶ୍ରେଣୀରେ ସତୁରୀ ପ୍ରତିଶତ ମାର୍କ ରଖିଥିବା ବୟାଳିଶି ଜଣ କୃତି ଛାତ୍ର ଓ ଛାତ୍ରୀ ମାନଙ୍କୁ ଉତ୍ତରୀୟ ପ୍ରମାଣ ପତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ କାଳଞ୍ଜି ସମାଜର ସରପଞ୍ଚ ବଶିଷ୍ଠ ଜେନା ଓ ସମିତି ସଭ୍ୟା ଲକ୍ଷ୍ମୀ ସ୍ୱାଇଁ, ବବିତା ରାଣୀ ବରଡ଼ ଓ ସମିତି ସଭ୍ୟ ଜଗନ୍ନାଥ ଭୂୟାଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ବୈଠକରେ ପୂର୍ବଖଣ୍ଡ ମଣ୍ଡଳ ସଭାପତି ଗିରିଧର ଭୂୟାଁ, ଅନୀଲ କୁମାର ସ୍ୱାଇଁ, ରାଜେନ୍ଦ୍ର ପ୍ରଧାନ, ରୋହିତ କୁମାର ଭୂୟାଁ, ରଞ୍ଜନ ସ୍ୱାଇଁ, ଭଗବାନ ସ୍ୱାଇଁ, କପିଳେଶ୍ୱର ତାରିଣୀ, କେଦାରନାଥ ସ୍ୱାଇଁ, ହରିଶ୍ଚନ୍ଦ୍ର ବରଡ, ରଞ୍ଜନ ବରଡ, ପ୍ରକାଶ ଚନ୍ଦ୍ର ବିଶୋୟୀ, ତ୍ରିପତି ପ୍ରଧାନ, ରାମହରି ସ୍ୱାଇଁ ଓ ନୀରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଗଦେଇ ଜେନା ବିଭୁ ପ୍ରାର୍ଥନା କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସଞ୍ଜୟ କୁମାର ଜେନା ମଞ୍ଚ ସଂଯୋଜନା ଦାୟିତ୍ୱରେ ଥିଲେ । ମହୁରୀ ଅଞ୍ଚଳର ୨୯ ଖଣ୍ଡ ଗ୍ରାମ୍ୟ କମିଟିର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ପରିଶେଷରେ ହୁଗୁଳାପଟ୍ଟା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମ୍ୟାଲେରିଆ ପାଇଁ ସଚେତନ କରିଥିଲେ । ମହୁରୀ ଅଞ୍ଚଳ ପରିଷଦର ସମ୍ପାଦକ ମାନସ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ରମ୍ଭା ଏନଏସି ମୁଖ୍ୟ ଫାଟକରେ ନୂତନ ନାମଫଳକ ଦାବି

ରମ୍ଭା,୨୯।୬(ଅନୁପମ ମିଡ଼ିଆ): ସ୍ଥାନୀୟ ଏନଏସିର ମୁଖ୍ୟ ଫାଟକ ଉପରେ ଲାଗିଥିବା ବୋର୍ଡ଼ରେ ଅକ୍ଷର ଲିଭିଯାଇ ଗଞ୍ଜାମ ପରିବର୍ତ୍ତେ ଗଂାମ ଓ ୧୯୬୨ ପରିବର୍ତ୍ତେ ୧୬୨ ହୋଇଯାଇଛି । ହେଲେ ଲୋକ ପ୍ରତିନିଧି କି ପ୍ରଶାସନିକ ଅଫିସରଙ୍କ ଏଥିପ୍ରତି ନଜର ପଡୁନି । ଏନଏସି କାର୍ଯ୍ୟାଳୟ ଅର୍ଥାତ୍ ଚିଲିକା ଭବନ କାର୍ଯ୍ୟାଳୟର ମରାମତି , ରଙ୍ଗ ପାଇଁ ଓ ବିଭିନ୍ନ ମାଧ୍ୟମରେ ଟଙ୍କା ଆସୁଛି । କିନ୍ତୁ ଏନଏସି ପ୍ରଶାସନ ସତରେ ନଜର ପଡୁନାହିଁ କି ? ନିଜ କାର୍ଯ୍ୟାଳୟ ପାଇଁ ନିଜର ଧ୍ୟାନ ନାହିଁ । ସ୍ଥାପିତ ବର୍ଷ ୧୯୬୨ରେ ୬ ଅଙ୍କଟି କେବେଠୁ ଉଠିଗଲାଣି । ପୂର୍ବରୁ ରମ୍ଭା ସହର ପ୍ରବେଶ ପଥରେ ଇଂରାଜୀରେ ଲେଖା ଯାଇଥିବାରୁ ରମ୍ଭା ସହରର ବୁଦ୍ଧିଜୀବୀମାନେ ଓଡ଼ିଆ ଅସ୍ମିତାକୁ ଅପମାନ ଦିଆଯାଉଥିବା ନେଇ ଏକ ବିବାଦ ଘଟଣା ସାମ୍ନାକୁ ଆସିଥିଲା । ତଥାପି ଆଜି ପର୍ଯ୍ୟନ୍ତ ଏହାକୁ ସୁଧାରିବା ପ୍ରତି ଦୃଷ୍ଟି ପଡୁନି । ଏନଏସି ପ୍ରଶାସନ ଗେଟର ବୋର୍ଡରେ ଉଲ୍ଲିଖିତ ଅକ୍ଷରକୁ ସଂଶୋଧନ କରାଯାଇ ଗଞ୍ଜାମ ଓ ସ୍ଥାପିତ ମସିହା ୧୯୬୨ ଲେଖିବା ପାଇଁ ଦାବି ହେଉଛି ।

କ.ନୂଆଗାଁ ପୋଲିସ ପକ୍ଷରୁ ମହୁଲି ମଦ ଜବତ

କ.ନୂଆଗାଁ,୨୯।୬(ଅନୁପମ ମିଡ଼ିଆ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ପୋଲିସ ପେଟ୍ରୋଲିଂ ବେଳେ ବାଇକ ସହ ମହୁଲି ମଦ ଜବତ କରି ଆସାମୀକୁ କୋର୍ଟକୁ ପଠାଇ ଥିବା ଜଣାପଡିଛି । ଥାନା ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ, ଏସଆଇ ଦମୟନ୍ତୀ ବେହେରା ଓ ଏଏସଆଇ ସୁରେନ୍ଦ୍ର କୁମାର ରାଜହଂସଙ୍କ ସମେତ ପୋଲିସ ଦଳ କୁଡୁଡୁଲି ଅଞ୍ଚଳକୁ ଯାଇଥିଲା ବେଳେ ଅନ୍ଧାରୀ କୁଟି ଠାରେ ଝାନି ପଡାର ବରୁଣ ପ୍ରଧାନ ବୟସ ୩୦ ଏକ ପ୍ଲାଷ୍ଟିକ ଜାରରେ ଏଚଏଫ ଡିଲକ୍ସ ବାଇକ ଓଡି ୧୨ ସି ୭୫୨୬ ଯୋଗେ ୨୦ ଲିଟର ମହୁଲି ମଦ ଚୋରା ଚାଲାଣ କରୁଥିବା ଯାଞ୍ଚ ବେଳେ ପୋଲିସ ଜବତ କରିଥିଲା। ପରେ ପୋଲିସ ଆସାମୀ ସହ ବାଇକ ଓ ମଦ ଜବତ କରି ଥାନା କେସ ନଂ ୧୦୮/୨୫ ରେ ଏକ ମାମଲା ରୁଜୁ କରି ଅବକାରୀ ଦଫାରେ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା କ.ନୂଆଗାଁ ଥାନା ଅଧିକାରୀ ଅଶୋକ କୁମାର ହାଁସଦାଃ ସୂଚନା ଦେଇଛନ୍ତି ।

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5260

ଦୀପକ ଫର୍ଟିଲାଇଜର୍ସରୁ ଚୋରି ଅଭିଯୋଗ

ଚମାଖଣ୍ଡି, ୨୯।୬(ଅନୁପମ ମିଡ଼ିଆ): ଚମାଖଣ୍ଡି ଥାନା ଅନ୍ତର୍ଗତ ଦୀପକ ଫର୍ଟିଲାଇଜର୍ସ କାରଖାନାରୁ ଗତକାଲି ରାତ୍ରିରେ ସେହି କାରଖାନାର ଦୁଇ ଜଣ ଶ୍ରମିକ ଦୁଇ ଶହ ମିଟର ତମ୍ବାତାର ଚୋରି କରିଥିବା ଅଭିଯୋଗ ହୋଇଛି । ଏ ନେଇ ଦୀପକ ଫର୍ଟିଲାଇଜର୍ସର ସିକ୍ୟୁରିଟି ଗାର୍ଡ ଥାନାରେ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତି କରି ସବଇନିସପେକ୍ଟର ଅଭିଜିତ ସାମିଲ ଘଟଣାସ୍ଥଳରେ ପହଞ୍ଚି ଦୁଇ ଶ୍ରମିକ ଛତ୍ରପୁରର ଆର.ପ୍ରସାଦ ରେଡ୍ଡୀ ଓ ଗଞ୍ଜାମର ବାଦଲ କୁମାର ସାହୁ, ବୋଲି ଜଣାପଡ଼ିଛି । ଦୁଇଜଣଙ୍କୁ କେବଳ ନୋଟିସ ଦେଇ ଛାଡ଼ି ଦିଆଯାଇଛି । କେସନମ୍ବର ୨୭୨ /୨୫ରେ ଏକ ମାମଲା ରୁଜୁ ହୋଇଛି ।

ପୁଲିସ ପକ୍ଷରୁ ଗଣଦୌଡ଼

ଛତ୍ରପୁର,୨୯।୬(ଅନୁପମ ମିଡ଼ିଆ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଗଞ୍ଜାମ ପୁଲିସ ଜିଲା ପକ୍ଷରୁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଞ୍ଜାମ ପୁଲିସ ଜିଲାର ଅତିରିକ୍ତ ଏସ୍‌ପି ରଞ୍ଜିତ କୁମାର ପୃଷ୍ଟି ଯୋଗଦଇ ଏହାର ଶୁଭାରମ୍ଭ କରିଥିଲେ । ଛତ୍ରପୁରସ୍ଥିତ ପୁଲିସ ଆରଆଇ କାର୍ଯ୍ୟାଳୟ ନିକଟରୁ ବାହାରି ଜିଲାପାଳ ବାସଭବନ, ଡିଆରଡିଏ, କଲେଜ ଛକ ହୋଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ରିଜର୍ଭ ଇନିସପେକ୍ଟର ଅମୂଲ୍ୟ ନାୟକ ପରିଚାଳନା କରିବା ସହ ଏଥିରେ ବହୁ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ । ରାଷ୍ଟ୍ରୀୟ ଏକତା ଏହି ଗଣ ଦୌଡର ମୁଖ୍ୟ ଉଦ୍ଦେଶ୍ୟ ।

କାର୍ଯ୍ୟରେ ଆସୁନି ସୁନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ର ଗୃହ

ଚମାଖଣ୍ଡି, ୨୯।୬(ଅନୁପମ ମିଡ଼ିଆ): ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ପଞ୍ଚାୟତ ଜନବହୁଳ ପଞ୍ଚାୟତ । ଏଠାରେ ନୂତନ ଭାବେ ନିର୍ମିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଲୋକଙ୍କ କାମରେ ଆସୁନି । ପ୍ରାପ୍ତ ସୂଚନା ପ୍ରକାରେ ବିଜେଡ଼ି ସରକାର ସମୟରେ ଏଠାରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ରଟିଏ ନିର୍ମାଣ ନିମନ୍ତେ ଆମ ବିକାଶ ତରଫରୁ ପଞ୍ଚାନବେ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହାର ଦାୟିତ୍ୱ ଠିକାଦାର ସନ୍ୟାସୀ ବେହେରାଙ୍କୁ ଦିଆଯାଇଥିଲା । ସେ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ, ଅଫିସ ଗୃହ, ରୋଗୀ ଚିହ୍ନଟ ଗୃହ ନିର୍ମାଣ କରିଥିଲେ । ତେବେ ନିର୍ମାଣର ୬ ମାସ ବିତିଯିବା ପରେ ବି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୃହଟି କାର୍ଯ୍ୟକ୍ଷମ ହୋଇନଥିବାରୁ ଡାକ୍ତର, ଫାର୍ମାସିଷ୍ଟ, କର୍ମଚାରୀମାନେ ଭଙ୍ଗା ଦଦରା ଗୃହରେ ବିପଦ ସଙ୍କୁଳ ଭାବରେ ରୋଗୀ ଚିକିତ୍ସା କରିବାକୁ ବାଧ ହେଉଛନ୍ତି । ଏ ନେଇ ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କୁ ଅବଗତ କରାଯିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଚାରିପଟେ ପାଚେରି ନିର୍ମାଣ ହୋଇନଥିବାରୁ ଏହାକୁ ହସ୍ତାନ୍ତର କରାଯାଇନଥିବା କହିଛନ୍ତି । ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୃହକୁ କାର୍ଯ୍ୟରେ ନିୟୋଜିତ ପାଇଁ ସମିତିସଭ୍ୟ ପ୍ରତିନିଧି ଗଙ୍ଗାଧର ସେଠୀ ଓ ରୋଗୀ ମହଲରୁ ଦୃଢ଼ ଦାବି ହୋଇଛି ।

ଜିଲ୍ଲାସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ପାରଳାଖେମୁଣ୍ଡି,୨୯।୬ (ଅନୁପମ ମିଡ଼ିଆ): ଗଜପତି ଜିଲ୍ଲାସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ଏହି ଦିବସରେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ ବ୍ରହ୍ମପୁର କୁଳମଣୀ ରାଉତ ଓ ସହକାରୀ ଉପନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ ଗଜପତି ପ୍ରକାଶ ରାଉତ ଓ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୈତିକ ଅଧ୍ୟାପକ ସଞ୍ଜୟ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ସାମାଜିକ, ଅର୍ଥନୈତିକ ଢାଞ୍ଚା ଓ ନୂତନ ନୀତି ପ୍ରସ୍ତୁତ କରିବାରେ ପରିସଂଖ୍ୟାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ପ୍ରସାର ଆଣିବା ପାଇଁ ପ୍ରତିବର୍ଷ ଜୁନ ୨୯ ତାରିଖକୁ 'ଜାତୀୟ ପରିସଂଖ୍ୟାନ ଦିବସ' ପାଳନ କରାଯାଉଛି । ସ୍ୱାଧୀନ ଭାରତର ପ୍ରଥମ ଯୋଜନା ଆୟୋଗର ସଦସ୍ୟ ତଥା ଜାତୀୟ ପରିସଂଖ୍ୟାନ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସଙ୍କ ସ୍ମୃତିରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇ ଆସୁଛି । ଭାରତୀୟ ପରିସଂଖ୍ୟାନର ଜନକ ଭାବେ ପରିଚିତ ପ୍ରଫେସର ମହାଲାନୋବିସ ପ୍ରଶିକ୍ଷଣରେ ଜଣେ ପଦାର୍ଥ ବିଜ୍ଞାନୀ, ଜଣେ ପରିସଂଖ୍ୟାନବିତ୍ ଜଣେ ଯୋଜନା ପ୍ରସ୍ତୁତକାରୀ ଥିଲେ । ଦେଶର ପରିସଂଖ୍ୟାନ ଓ ଅର୍ଥନୈତିକ ଯୋଜନା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ୨୦୦୭ ମସିହାରୁ ତାଙ୍କ ଜନ୍ମ ଦିବସକୁ ପ୍ରତି ବର୍ଷ ଜୁନ୍ ୨୯ ତାରିଖକୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରାଯାଉଛି ।

ଏହି ଅବସରରେ ଜାତୀୟ ପ୍ରଗତିରେ ସରକାରୀ ପରିସଂଖ୍ୟାନର ଭୂମିକାକୁ ଲୋକଲୋଚନକୁ ଆଣିବା ଲାଗି ସେମିନାର, ଆଲୋଚନାଚକ୍ର ଓ ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ଆସୁଛି । ପରିସଂଖ୍ୟାନ ଅଧ୍ୟୟନ କରିବା ଓ ଦୈନନ୍ଦିନ ଜୀବନର ବିଭିନ୍ନ ପ୍ରସଙ୍ଗରେ ତାହାକୁ ପ୍ରୟୋଗ କରିବା ଲାଗି ଏହି ଦିବସ ଯୁବ ପିଢ଼ିକୁ ପ୍ରେରଣା ଯୋଗାଇଥାଏ । ସେହିପରି ଏହି ଦିବସ ପାଳନ ଦ୍ୱାରା ଦେଶର ବିଭିନ୍ନ ଯୋଜନା ଯଥା – କୃଷି ସମ୍ପର୍କିତ ରିପୋର୍ଟିଂ, ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା, ମୂଲ୍ୟ ନିର୍ଦ୍ଧାରଣ, ଜାତୀୟ ନମୁନା ସର୍ବେକ୍ଷଣ, କୃଷି ଜନଗଣନା ଓ କ୍ଷୁଦ୍ର ଜଳସେଚନ ଗଣନା ଇତ୍ୟାଦି ବିଭାଗର ଦ୍ୱାରା କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପରିସଂଖ୍ୟାନ ବିଭାଗ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।